### ରାଜନଗର ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ

# ଅଲେଖ ସମର୍ଥକଙ୍କ ମେଳି; ପୁନର୍ବିଚାର ନହେଲେ ଇସ୍ତଫା

ପଟ୍ଟାମୁଣ୍ଡାଇ, ୨୦।୪(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବିଧାନସଭା ଆସନ ପାଇଁ ବିଜେପି ଯୁବନେତା ଲଳିତ ବେହେରାଙ୍କ ନାମ ଘୋଷଣା କରିବା ପରେ ଲଳିତଙ୍କ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କିନ୍ତୁ ଲଳିତଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଅଲେଖଙ୍କ ସମର୍ଥକମାନେ ମେଳି ବାନ୍ଧିବା ଆରମ୍ଭ କରିଛନ୍ତି। ଦଳୀୟ ନିଷ୍ପତ୍ତିକୁ ବିରୋଧ କରି ଗତକାଲି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଛୁଆଳିଆ ପୀଠରେ ୫ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏକାଠି ହୋଇ କ୍ଷୋଭ ପ୍ରକାଶ କରିବା ସହିତ ଦଳୀୟ ପ୍ରାର୍ଥିତ୍ୱ ଉପରେ ଆଉଥରେ ବିଚାର କରିବାକୁ ଦାବି କରିଛନ୍ତି। ଯଦି ପ୍ରାର୍ଥୀ ପରିବର୍ତ୍ତନ କରାନଯାଏ ତାହେଲେ ସେମାନେ ସମୂହ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଥିଲେ।

ମରାଜନଗର ନିର୍ବାଚନମଣ୍ଡଳୀ ବିଜେପିର ସମସ୍ତ କର୍ମୀ ଏବଂ ବୁଥ୍‌ସ୍ତରର ନେତାମାନଙ୍କ ସହ ପୂର୍ବତନ ବିଧାୟକ ଅଲେଖ ଜେନା ମା ଛୁଆଳିଆପୀଠରେ ଏକାଠି ହୋଇ ଏକ ସଭାର ଆୟୋଜନ କରିଥିଲେ। ରାଜନଗର ଆସନ ପାଇଁ ବିଜେପି ପ୍ରାର୍ଥୀ ଚୟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିନଥିବା ଏପରିକି ଦଳର କୌଣସି ନେତା କର୍ମୀଙ୍କୁ ଜାଣିନଥିବା ଜନୈକ ଯୁବକଙ୍କୁ ବିଜେପି ପ୍ରାର୍ଥୀ କରାଯାଉଥିବା ଅଭିଯୋଗ କରିଥିଲେ। ଯେଉଁମାନେ ବର୍ଷ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରିବା ସହିତ ଦଳକୁ ସଂଗଠିତ କରିଛନ୍ତି ସେମାନଙ୍କୁ କାହିଁକି ଅଣଦେଖା କରାଯାଇଛି ବୋଲି ପ୍ରଶ୍ନ ଉଠାଇ ଅସନ୍ତୁଷ୍ଟ ନେତା ଓ କର୍ମୀ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ନିକଟକୁ ଅଭିଯୋଗପତ୍ର ପଠାଇବା ସହିତ ରାଜନଗର ବିଧାନସଭା ଆସନରେ ଘୋଷିତ ବିଜେପି ପ୍ରାର୍ଥିତ୍ୱ ସମ୍ପର୍କରେ ପୁନଃ ବିଚାର କରିବାକୁ ଦାବି କରିଛନ୍ତି। ତେବେ ବିଜେପି ରାଜ୍ୟ ନେତୃତ୍ୱ ଏ ସମ୍ପର୍କରେ ତର୍ଜମା କରି ପ୍ରାର୍ଥିତ୍ୱ ସମ୍ପର୍କରେ ପୁନର୍ବିଚାର ନକଲେ ବିଜେପି ଦଳରୁ କର୍ମକର୍ତ୍ତା ଓ କର୍ମୀମାନେ ସମୂହ ଇସ୍ତଫା ଦେବେ ବୋଲି କଣ୍ଠାବଣ ମଣ୍ଡଳ ସଭାପତି ବନମାଳୀ ମହାପାତ୍ର, ଶ୍ରୀରାମପୁର ସଭାପତି ନୃସିଂହ ସାହୁ, ଦିଲ୍ଲୀପ ରାଉତ, ଶଙ୍କର ସେଠୀ, ଦିଲ୍ଲୀପ ରାଉତ, କୈଳାସ ପରିଡ଼ା, ନିଳମଣୀ ସାହାଣୀ, ଦିଲ୍ଲୀପ ରାଉତ, ମାଗୁଣି ନାୟକ, ଶ୍ରୀମନ୍ତ ରାୟ, ଅଜୟ ସାହୁ, ଗଗନ ପରିଡ଼ା, ପ୍ରହଲ୍ଲାଦ ଗଣା, ପଙ୍କଜ ମଳିକ, ରାମଚନ୍ଦ୍ର ପତି, ସବ୍ୟସାଚୀ ରାଉତ, ସୁରେନ୍ଦ୍ର ସ୍ୱାଇଁ, ମିଥୁନ ମଳିକ, ଶାରଦା ପରିଡ଼ା, ଦିବାକର ବେହେରା, ଶ୍ରୀ ନିବାସ ରଣା, ପ୍ରଦୀପ ଦାଶ ସମେତ ଶହ ଶହ କାର୍ଯ୍ୟକର୍ତ୍ତା ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର



**ମାର୍ଶାଘାଇ, ୨୦।୪(ସମିସ):** ପାରାଦୀପ-ଚଣ୍ଡିଖୋଲ ଜାତୀୟ ରାଜପଥ ୫୩ନଂ.ର ମାର୍ଶାଘାଇ କ୍ରସିଂ ନିକଟରେ ଶନିବାର ଦୁଇଟି ଦୁର୍ଘଟଣା ଘଟି ୨ଜଣ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ବାଇକ ମାର୍ଶାଘାଇ ପଟୁ ଅଙ୍ଗୁଳାଇ ପାର୍ଶ୍ୱକୁ ରାସ୍ତା ପାର ହେଉଥିବା ସମୟରେ ପାରାଦ୍ୱୀପ ପଟରୁ ରଙ୍ଗ ରୁଟ୍‌ରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ ଧକ୍କାରେ ବାଇକ ଆରୋହୀ ଛିଟିକି ପଡ଼ିଯାଇଥିବା ବେଳେ ବାଇକକୁ ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ବାଇକ ଆରୋହୀଙ୍କ ଗୋଡ଼ ଉପରେ ଟ୍ରକ ଚଢିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଏକ ଘଟଣାରେ ଅପରାହ୍ନ ପାଞ୍ଚଟା ସମୟରେ କ୍ରସିଂ ଏବଂ ହାଜରୀ ଛକ ମଝିରେ ହାଇୱା ଗାଡିକୁ ଏକ ତେଲ ଟ୍ୟାଙ୍କର ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ ଟ୍ୟାଙ୍କରର କ୍ୟାବିନ ଭାଙ୍ଗି ଚୁରମାର ହୋଇଯାଇଛି। ଡ୍ରାଇଭର ଚାପି ହୋଇ ରହିଯାଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି କ୍ୟାବିନକୁ କାଟି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

## 'ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରକଟ କରିଥିବାରୁ ଧନ୍ୟବାଦ୍'



● ଏକମାତ୍ର ଲକ୍ଷ୍ୟ ବିଜେଡିର ବିଜୟ: ଗଣେଶ୍ୱର

**କେନ୍ଦ୍ରାପଡ଼ା, ୨୦।୪(ସମିସ):** ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କଂଗ୍ରେସ ଛାଡି ବିଜେଡିରେ ମିଶିବା ପରେ ଏଠାରେ ବିଜେଡି ଆହୁରି ଶକ୍ତ ହୋଇଛି। ଆଜି ବିଜେଡ଼ି ପକ୍ଷରୁ ବାକି ଥିବା କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ବିଧାନସଭା ପ୍ରାର୍ଥୀ ଭାବେ ଗଣେଶ୍ୱର ବେହେରାଙ୍କ ନାମ ଘୋଷଣା ପରେ ବିଜେଡ଼ି ମହଲରେ ଖୁସିର ବାତାବରଣ ଖେଳିଯାଇଛି। ଏନେଇ ଗଣେଶ୍ୱର ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ, '୫-ଟି' ସଚିବ, ସଂଗଠନ ସମ୍ପାଦକ, ଜିଲ୍ଲା ପର୍ଯ୍ୟବେକ୍ଷକଙ୍କୁ ସାଧୁବାଦ ଜଣାଇଛନ୍ତି। କେନ୍ଦ୍ରାପଡ଼ା ବିକାଶ ହିଁ ତାଙ୍କର ପ୍ରାଥମିକତା ବୋଲି ସେ କହିଛନ୍ତି। ଜିଲ୍ଲାରେ କେବଳ ବିଜେଡ଼ିର ବିଜୟ ପାଇଁ ସେ କାର୍ଯ୍ୟ କରିବେ ବୋଲି ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗଣେଶ୍ୱରଙ୍କ ନିଜସ୍ୱ ସଂଗଠନ, କଂଗ୍ରେସ ଛାଡି ବିଜେଡ଼ିରେ ମିଶିଥିବା ତାଙ୍କ କର୍ମୀ ଏବଂ ବିଜେଡ଼ିର ବିପୁଳ ସମର୍ଥକଙ୍କୁ ନେଇ ସେ ବହୁ ଭୋଟରେ ବିଜୟୀ ହେବେ ବୋଲି ମତପ୍ରକାଶ ପାଇଛି। ଗଣେଶ୍ୱର ହିଁ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ବଞ୍ଚାଇ ରଖିଥିଲେ। ତେବେ ସେ ଦଳ ଛାଡ଼ିବା ପରେ କଂଗ୍ରେସରୁ ଶତାଧିକ କର୍ମୀ ବିଜେଡ଼ିରେ ମିଶି ଗଣେଶ୍ୱରଙ୍କ ହାତ ମୁଠାକୁ ଟାଣ କରିଛନ୍ତି। ତେବେ ଗତ ସାଧାରଣ ନିର୍ବାଚନରେ କଂଗ୍ରେସରେ ଥାଇ କମ ଭୋଟରେ ସେ ହାରିଥିଲେ। ଏଥର ତାଙ୍କ ସହ ବିଜେଡ଼ି ଆଉ କଂଗ୍ରେସର ଶତାଧିକ କର୍ମୀ ସାମିଲ ହୋଇଥିବାରୁ ବିପୁଳ ସଂଖ୍ୟାରେ ବିଜୟୀ ହେବେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି। ଚଳିତମାସ ୨ ତାରିଖରେ କଂଗ୍ରେସ ଦଳରୁ ଗଣେଶ୍ୱର ଇସ୍ତଫା ଦେବା ପରେ ୭ ତାରିଖ ଦିନ ଶଙ୍ଖ ଭବନରେ ବିଜେଡି ଦଳରେ ନିଜର ଅନ୍ୟୂନ ୧୦ ହଜାର ସମର୍ଥକଙ୍କୁ ଧରି ମିଶିଥିଲେ। ତେବେ ଆଜି ସମସ୍ତ କଳ୍ପନା ଜଳ୍ପନାର ଅନ୍ତଃ ଘଟାଇ ବିଜେଡି ଷଷ୍ଠ ପର୍ଯ୍ୟାୟ ଟିକଟ ଘୋଷଣା ସମୟରେ ଗଣେଶ୍ୱରଙ୍କ ନାଁ ଉପରେ ମୋହର ବାଜିବା ପରେ ଉଭୟ ଅନୁଗତ ଓ ନବାଗତଙ୍କୁ ଧରି ସେ ନିର୍ବାଚନୀ ବୈତରଣୀ ପାର ହେବେ ବୋଲି ସେ ସୂଚନା ଦେଇଛନ୍ତି।

## ଅଷ୍ଟପ୍ରହରୀ ନାମଯଜ୍ଞ ଓ ହରିହାଟ ଅନୁଷ୍ଠିତ

**ଗରଦପୁର, ୨୦।୪(ସମିସ):** ପଦ୍ମପୁର ଗ୍ରାମର ସ୍ୱର୍ଗତ କାଙ୍ଗାଳି ଚରଣ ରାଉତ ଆରମ୍ଭ କରିଥିବା ମା' ଶାରଳାଙ୍କ ଯଜ୍ଞ ଓ ଅଷ୍ଟପ୍ରହରୀ ହରିହାଟ ମହୋତ୍ସବ ୪୮ବର୍ଷରେ ପାଦ ଥାପିଛି। ସ୍ୱର୍ଗତ କାଙ୍ଗାଳି ଚରଣଙ୍କ ଦୁଇ ପୁତ୍ର କସ୍ତୁରୀ ଚରଣ ଏବଂ ସନାତନଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଏହା ଆୟୋଜିତ ହେଉଛି। ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଗତ ମଙ୍ଗଳବାରଠାରୁ ଗୁରୁବାର ତିନିଦିନ ବ୍ୟାପି ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା' ଶାରଳାଙ୍କ ପୂଜା ପରେ ବୁଧବାର ସକାଳୁ ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ଗୁରୁବାର ସକାଳେ ଶେଷ ହେବା ପରେ ସନ୍ଧ୍ୟାରେ ବହୁ ଆଡମ୍ବର ସହିତ ପୁରାତନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହରିହାଟ ଉତ୍ସବ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଙ୍ଗଳବାର ସକାଳୁ ପବିତ୍ର ଚିତ୍ରୋତ୍ପଳା ନଦୀର ଶନିମନ୍ଦିର ଘାଟରୁ ନାମଯଜ୍ଞ ଓ ଘଟ ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରା ଯାଇ ପଦ୍ମପୁର ଗ୍ରାମରେ ପହଞ୍ଚିଥିଲେ। ତିନିଦିନ ବ୍ୟାପି କାର୍ଯ୍ୟକ୍ରମର ହଜାର ହଜାର ସଂଖ୍ୟାରେ ହରି ଭକ୍ତ ଭିଡ଼ ଜମାଇଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ହରିହାଟ ମହୋତ୍ସବକୁ ଅଧିକ ଆକୃଷ୍ଟ କରିଥିଲା ସଂକୀର୍ତ୍ତନ, ଲଉଡି ଖେଳ, ଘଣ୍ଟୁଆଙ୍କ ଘଣ୍ଟବାଦ୍ୟ, ପଞ୍ଜାବୀ ବାଦ୍ୟ, ଷଣ୍ଢ ଲଢେଇ, କୁନି କୁନି ଓ ବରିଷ୍ଠ କଳାକାରଙ୍କ ଦ୍ୱାରା ଚଦ୍ମବେଶ କଳା ପ୍ରଦର୍ଶନ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ବିଚାରକ ଭାବେ ଯୋଗ ଦେଇଥିଲେ ଦିଗପହଣ୍ଡିର ରାଜେନ୍ଦ୍ର ନାରାୟଣ



ଦାଶାନୁଦାଶ, ପାରାଦୀପ ତୈଳ ବିଶୋଧନାଗାର ସୁରକ୍ଷା ଅଧିକାରୀ ଦିଲ୍ଲୀପ ଦାଶ, ପ୍ରବଚକ ତନ୍ମୟ ମହାପାତ୍ର, କେନ୍ଦ୍ରାପଡ଼ା ଜାଭିୟର ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ନିରଞ୍ଜନ ବେହେରା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉପହାର ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶିକ୍ଷାବିତ୍ ପ୍ରଦୀପ କୁମାର ରାଉତ। ହରିହାଟ ଦେଖିବା ପାଇଁ ହଜାର ହଜାର ସଂଖ୍ୟାର ଲୋକେ ଉପସ୍ଥିତ ରହିବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ।

## କଂଗ୍ରେସରୁ ଇସ୍ତଫା ଦେଲେ ସାର୍ଥକ ମହାପାତ୍ର

**କେନ୍ଦ୍ରାପଡ଼ା, ୨୦।୪(ସମିସ):** ଜାତୀୟ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଲେ ଛାତ୍ର ନେତା ସାର୍ଥକ ମହାପାତ୍ର। ଶନିବାର ବିଜେଡିରେ ଯୋଗ ଦାନ କଲେ। ସେ ୨୦୨୧ ମସିହାରୁ ୨୦୨୩ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କଂଗ୍ରେସ କ୍ୟାମ୍ପସ କମିଟିର ସଭାପତି ରହିଥିଲେ। ଏହାପରେ ରାଜ୍ୟ ଛାତ୍ର କଂଗ୍ରେସ ସାମାଜିକ ଗଣମାଧ୍ୟମ ସଂଯୋଜକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଶନିବାର ଦିନ ଶ୍ରୀ ଗଣେଶ୍ୱର ବେହେରାଙ୍କ ଆଦର୍ଶରେ ପ୍ରଭାବିତ ହୋଇ ସେ କଂଗ୍ରେସ ତ୍ୟାଗ କରିଛନ୍ତି।



ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଛାତ୍ରଙ୍କ ସ୍ୱାର୍ଥ ପାଇଁ ଲଢେଇ କରିବେ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ପାଇଁ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଗଣେଶ୍ୱର ବେହେରା ଓ ଅଂଶୁମାନ ମହାନ୍ତିଙ୍କ ପାଇଁ ୨୦୨୪ରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏକ ଶ୍ରେଷ୍ଠ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରୟାସ ଜାରି ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ହେବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

## ବେଲାରପୁରରେ ଭାଗବତ ପାରାୟଣ



**ପଞ୍ଚୁପାଣ୍ଡବ, ୨୦।୪(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ସାହୁ ସାହିରେ ସପ୍ତା ଘରେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରାମନବମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସାତଦିନ ଧରି ଚାଲିବ ବୋଲି ପୂଜକ ଭାଗିରଥି କର କହିଛନ୍ତି। ପ୍ରତି ସନ୍ଧ୍ୟା ସମୟରେ ଭାଗବତ ଟୁଙ୍ଗି ନିକଟରେ ଭଜନ ଓ ନାମ ସଂକୀର୍ତ୍ତନ ହେଉଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମର ସାହୁ ସାହିର ଲୋକେ ସହଯୋଗ କରୁଛନ୍ତି।

## ଜଳିଗଲା ଛଣଗଦା, ବର୍ତ୍ତିଗଲା ଗାଁ

**ଡେରାବିଶ, ୨୦।୪(ସମିସ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଅଭୟ ନାୟକଙ୍କ ବାଡ଼ିରେ ଥିବା ଦୁଇଟି ଛଣଗଦା ଆଜି ଦିନ ୧୧ ଟା ବେଳେ ହଠାତ୍ ଜଳିବାକୁ ଲାଗିଥିଲା। ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ନିଆଁର ପ୍ରକୋପ ବଢ଼ିଯିବାରୁ ଏହା ଗ୍ରାମର ନିକଟରେ ଥିବା ବାସଗୃହ ପ୍ରତି ବିପଦ ଦେଖାଦେଇଥିଲା। ଖବର ପାଇ ଡେରାବିଶରୁ ଦୁଇଟି ଦମକଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବାକୁ ସକ୍ଷମ ହୋଇଥିଲେ।



### ● ପୂର୍ବତନ ସାଂସଦ ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭା

## 'ସାଲିସ୍ ବିହୀନ ରାଜନେତା ଥିଲେ ଗୟାଚାନ୍ଦ୍'

**କେନ୍ଦ୍ରାପଡ଼ା, ୨୦।୪(ସମିସ):** ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ପୂର୍ବତନ ସାଂସଦ ସ୍ୱର୍ଗତ ଗୟାଚାନ୍ଦ ଭୂୟାଁଙ୍କ ୩୬ତମ ଶ୍ରାଦ୍ଧଦିବସ ଅବସରରେ ସହରର ମାଧପୁରସ୍ଥିତ ଅମର ଉଦ୍ୟାନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅବସରପ୍ରାପ୍ତ ଜିଲ୍ଲାଜଜ କୁଞ୍ଜବିହାରୀ ସ୍ୱାଇଁ ମୁଖ୍ୟ ଅତିଥି, ସ୍ତମ୍ଭକାର ତଥା ସାମ୍ବାଦିକ ଦିଲ୍ଲିପ କୁମାର ବିଶୋଇ ବିଶିଷ୍ଟ ଅତିଥି, ବିଶିଷ୍ଟ କବି ନିରାକାର ଦାସ ସମ୍ମାନୀତ ଅତିଥି ଓ ଡ. ବାସନ୍ତୀ ମହାନ୍ତି ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ଦୀର୍ଘ ୫ ଦଶନ୍ଧି ଧରି ଜିଲ୍ଲାରେ ପୂଜ୍ୟପୂଜାର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ଏବଂ କେନ୍ଦ୍ରାପଡ଼ା ମାଟିର ସୁଯୋଗ୍ୟ ସନ୍ତାନଙ୍କୁ ଆଗାମୀ ଭବିଷ୍ୟତଙ୍କ ସହ ପରିଚିତ କରାଇବାରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବାରୁ ସଂସଦର କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରି ପୂର୍ବତନ ସାଂସଦ ସ୍ୱର୍ଗତ ଭୂୟାଁଙ୍କ ଗୁଣାବଳୀ ଉପରେ ଆଲୋକପାତ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଭୂୟାଁ ତାଙ୍କ ରାଜନୈତିକ ଜୀବନରେ ସାଲିସ ବିହୀନ ରାଜନୀତି କରୁଥିଲେ ବୋଲି ବକ୍ତାମାନେ କହିଥିଲେ। ସମ୍ପାଦକ ସୁଶିଲ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।




ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, 'ରେସୱା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଜାଗୃତୀ-୨ର ଅଧିକ୍ଷିକା ମିନତୀ ମହାରଣା, ସମାଜସେବୀ ଶ୍ରୀନିବାସ ପ୍ରଧାନଙ୍କୁ ଗୟାଚାନ୍ଦ ଭୂୟାଁ ସ୍ମାରକୀ ସମ୍ମାନ ଏବଂ କୋରୁଆ ପଲ୍ଲିଶ୍ରୀ ମହିଳା ସମିତି ଦ୍ୱାରା ପରିଚାଳିତ ଜାଗୃତି-୨ର ଅନ୍ତେବାସୀ ଶିବାନୀ ଦାସ ଓ ମଞ୍ଜୁଳା ନାୟକଙ୍କୁ ଗୟାଚାନ୍ଦ ଭୂୟାଁ ସ୍ମାରକୀ ଫଳକ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ମହାନ୍ତି, ସାମ୍ବାଦିକ ପରେଶ ଦାସ, ଜଗତଜୀବନ ଦାଶ, ରମଣୀରଞ୍ଜନ ରାଉତରାୟ, ବିଧୁଭୂଷଣ ମହାପାତ୍ର, ମହେନ୍ଦ୍ର ପରିଡ଼ା, ପ୍ରମୋଦ ମହାପାତ୍ର, ସନ୍ତୋଷ ବେହେରା, ଆଇନଜୀବୀ ଅକ୍ଷୟ କୁମାର ମହାନ୍ତି, ମାଧବ ଦାସ, ଡ. ଚୈତନ୍ୟ ଚରଣ ପରିଡ଼ା, ଗୋଲେଖ ପଡ଼ିଆରୀ, ନିରଞ୍ଜନ ସାହୁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଆଳି କନିକା ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜଳଛତ୍ର



**ରାଜକନିକା, ୨୦।୪(ସମିସ):** ଶନିବାର ସକାଳୁ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ କଟକ ବିଜୁ ପଟ୍ଟନାୟକ ଛକ ସ୍ଥିତ ଗଣେଶ ମନ୍ଦିର ସାମ୍ନାରେ ଏ ବର୍ଷର ପ୍ରଥମ ଜଳଛତ୍ର ଶୁଭାରମ୍ଭ ହୋଇ ଯାଇଛି। ପରିଷଦର ସଭାପତି ନିରଞ୍ଜନ ଜେନାଙ୍କ ନେତୃତ୍ୱରେ ପରିଷଦର ଅନ୍ୟାନ୍ୟ ମାନ୍ୟଗଣ୍ୟ ସଦସ୍ୟ ସର୍ବଶ୍ରୀ ଚକ୍ରଧର ବେହେରା, ପ୍ରଦୀପ କୁମାର ରାଉତ, ଡଃ ଅଜୟ ମହାପାତ୍ର, ଡଃ ଆଶୀଷ କୁମାର ବାରିକ, ନନ୍ଦ କିଶୋର ଦାସ, ବିକାଶ ରଂଜନ ବେହେରା, ଜୟରାମ ସେଠୀ, ରଞ୍ଜନ କୁମାର ବେହେରା, ଭାବଗ୍ରାହୀ ନାୟକ, ଗଜେନ୍ଦ୍ର କୁମାର ସ୍ୱାଇଁ, ରମାକାନ୍ତ ବେହେରା, ବିଦ୍ୟାଧର ନାୟକ, ପ୍ରତାପ କୁମାର ମହାନ୍ତି, ଭାଗିରଥି ପଲାଇ ତଥା ଅନ୍ୟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଡେରାବିଶ ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

# ଟଙ୍କା ଥାଇ ତଳେ ବସି ପଢୁଛନ୍ତି ଛାତ୍ରଛାତ୍ରୀ

ଡେରାବିଶ, ୨୦।୪(ସମିସ)

ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗାଠାରେ ଗତ ୨୦୨୨ ମସିହାରେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟ ଏବେ ବି ସମସ୍ୟା ଘେରରେ। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଗତ ୨୦୨୩ ମସିହାରୁ ବେଞ୍ଚ, ଡେସ୍କ ଓ କାର୍ଯ୍ୟାଳୟ ଉପକରଣ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଆର୍ଥିକ ଅନୁଦାନ ଦିଆଯାଇଥିଲେ ମଧ୍ୟ ଇତି ମଧ୍ୟରେ ବର୍ଷାଧିକକାଳ ଅତିକ୍ରମ କରିସାରିଛି। ମାତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅବହେଳା ପାଇଁ ଛାତ୍ରଛାତ୍ରୀମାନେ ଦୁର୍ଦ୍ଦଶାରେ ରହିଛନ୍ତି। ଏହି ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ୧୬୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ବେଞ୍ଚ, ଡେସ୍କ ଅଭାବରୁ ପିଲାମାନେ ତଳେ ବସି ଅଧ୍ୟୟନ କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଆଦର୍ଶ ବିଦ୍ୟାଳୟ ସଂଗଠନ ଜରିଆରେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି।



ମାତ୍ର ଡେରାବିଶ ବ୍ଲକରେ ଖୋଲା ଯାଇଥିବା ଆଦର୍ଶ ବିଦ୍ୟାଳୟ ଏହି ଅବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନର ସ୍ଥାଣୁତା ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମେରି ରାୟ ନୀତି ଯୋଗୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଶିକ୍ଷାବିତ୍ ଶରତ ଚନ୍ଦ୍ର କର କ୍ଷୋଭ ପ୍ରକାଶ କରିଛନ୍ତି।

ଶ୍ରୀ କରଙ୍କ ସୂଚନା ଅନୁଯାୟୀ ଆର୍ଥିକ ଅନୁଦାନ ଥାଇ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଟେଣ୍ଡର ପ୍ରକ୍ରିୟା ନାମରେ ବର୍ଷାଧିକ କାଳ ସମୟ ନେଇ ସାରିଲେଣି। ଏବେ ବି ଶିକ୍ଷା ଅଧିକାରୀ କେବେ ଏହି ବିଦ୍ୟାଳୟକୁ ବେଞ୍ଚ ଡେସ୍କ ଯୋଗାଇ ଦିଆଯିବ ସେ ନେଇ କୌଣସି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି। ଏ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ସେ କହିଲେ ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଥିବାରୁ ନିର୍ବାଚନ ପରେ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ କରି ଆସନ୍ତା ଜୁଲାଇ ମାସ ସୁଦ୍ଧା ସଂପୃକ୍ତ ବିଦ୍ୟାଳୟକୁ ବେଞ୍ଚ ଡେସ୍କ ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ। ଅପରପକ୍ଷରେ ଏହି ବିଦ୍ୟାଳୟରେ ଅଧ୍ୟକ୍ଷଙ୍କୁ ମିଶାଇ ସମୁଦାୟ ୯ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ପାଇଁ ଚେୟାର ଟେବୁଲ ଅଭାବ ଥିବାରୁ ଛିଡାହୋଇ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଏହା ଜିଲ୍ଲା ଶିକ୍ଷା ବିଭାଗର ଦାୟିତ୍ୱହୀନତା ବୋଲି ସାମାଜସେବୀ ହଳଧର ଦାଶ କହିଛନ୍ତି।

## ପ୍ରଧାନ ଡାକଘର ପକ୍ଷରୁ ଭୋଟର ସଚେତନତା




**ଅନୁଗୋଳ,୨୦।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ମତଦାତା ଅଂଶଗ୍ରହଣ କରିବା ପାଇଁ ଅନୁଗୋଳ ପ୍ରଧାନ ଡାକଘର ପକ୍ଷରୁ ଆଜି ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଡାକଘରର ସମସ୍ତ କର୍ମଚାରୀ କାର୍ଯ୍ୟାଳୟରୁ ବାହାରି ବଜାର ଛକ, ଜଗନ୍ନାଥ ମନ୍ଦିର, କାଞ୍ଚନ ଟକିଜ୍ ଛକ ଦେଇ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ସମସ୍ତେ ବିଭିନ୍ନ କାର୍ଡ, ପୋଷ୍ଟର ଓ ବ୍ୟାନର ଧରି ଲୋକଙ୍କୁ ସଚେତନ କରାଇଥିଲେ। ପ୍ରଧାନ ଡାକଘରର ପୋଷ୍ଟମାଷ୍ଟର ମମତା ପଣ୍ଡା ଓ ବ୍ୟବସାୟିକ ଅଧିକାରୀ ସୁଜିତ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନ ଡାକଘରର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ୧୮୦ ଲିଟର ବିଦେଶୀ ମଦ ଜବତ; ୩ ଗିରଫ

**କଣିହାଁ ୨୦।୪(ସମିସ) :** କଣିହା ଥାନା ପୁଲିସ ବେଆଇନ ବିଦେଶୀ ମଦ ବିକ୍ରିକୁ ନେଇ ଶନିବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆଇଆଇସି ମନୋଜ କୁମାର ପ୍ରଧାନ ଏସ୍‌ଆଇ ବିଷ୍ଣୁ ସାହୁଙ୍କ ସୂଚନାରୁ ଜଣାଯାଏ ଯେ, ଥାନାର ପୁଲିସ ଟିମ୍ ବେଆଇନ ମଦ କାରବାରକୁ ନେଇ କଂସମୁଣ୍ଡା ବଡ଼ଗୁଣ୍ଡୁରୀ ଗ୍ରାମରେ ପାଟ୍ରୋଲିଂ ବେଳେ ଘର ପାଖ ଦୋକାନରେ ମଦ ବିକ୍ରି ହେଉଥିଲା। କଂସମୁଣ୍ଡା ଗ୍ରାମର ଗଣେଶ୍ୱର ବେହେରା, ବଡ଼ଗୁଣ୍ଡୁରୀ ଗ୍ରାମର ନିର୍ମଳ ବେହେରା, ସିଲୁ ବେହେରାଙ୍କ ଠାରୁ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବୋତଲ ଜବତ କରାଯାଇଥିଲା । ଅକଳନକୁ ନେଇ ଏହା ୧୮୦ ଲିଟର ହିସାବ କରାଯାଇଛି । ତିନି ଅଭିଯୁକ୍ତଙ୍କ ବିରୋଧରେ ତିନୋଟି ପୃଥକ ମାମଲା ରୁଜୁ କରାଯାଇ ଅଦାଲତ ବିଚାର ପାଇଁ ପଠାଯାଇଛି ।

## ବାମୁରରେ ମା' ସୁରେଶ୍ୱରୀଙ୍କ ପୂଜା



**କିଶୋରନଗର, ୨୦।୪(ସମିସ):** କିଶୋରନଗର ବ୍ଲକ ବାମୁରର ସୁରେଶ୍ୱରୀ ପାହାଡ଼ରେ ମା' ସୁରେଶ୍ୱରୀ ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ସୁରେଶ୍ୱରୀ ଦେବୀଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

# ଜଳୁଛି ମାଲ୍ୟଗିରି, ନିଦରେ ବନ ବିଭାଗ

### ଜଙ୍ଗଲର ଶୋଭା ବଦଳରେ ବ୍ୟାପିଛି ଧୂଆଁର ଆସ୍ତରଣ

**ପାଲଲହଡ଼ା ୨୦।୪(ସମିସ)**



ଅନୁଗୋଳ ଜିଲ୍ଲା ପାଲଲହଡ଼ା ସଦର ମହକୁମାର ସୀମାରେଖା ସାଜିଥିବା ଓ ସୌନ୍ଦର୍ଯ୍ୟ ବୃଦ୍ଧି କରି ଛିଡ଼ା ହୋଇଥିବା ମାଲ୍ୟଗିରି ପର୍ବତ ଏବେ ହୁତ୍ ହୁତ୍ ହେଇ ଜଳୁଛି। ଜଙ୍ଗଲି ନିଆଁ ଲାଗି ଦିନରେ ମଧ୍ୟ ଧୂଆଁପୂର୍ଣ୍ଣ ହୋଇ ପଡିଛି। ମାଲ୍ୟଗିରି ପାଦ ଦେଶରେ ଥିବା ଖୁଲୁଡ଼ି ସ୍ଥିତ ବାବା ଗିରିଶ୍ୱର ଶୈବପୀଠରୁ ମାଲ୍ୟଗିରିକୁ ଦେଖିଲେ ଜଙ୍ଗଲର ଶୋଭା ବଦଳରେ ଧୂଆଁର ଆସ୍ତରଣ ଦେଖିବାକୁ ମିଳୁଛି। ଗତକାଲି ଏହି ଧୂଆଁ ପ୍ରଭାବରେ ପାଲଲହଡ଼ା ସଦର ମହକୁମା ମଧ୍ୟ ଧୂଆଁଳିଆ ଦେଖାଯାଉଥିଲା। ଏନେଇ ବନ ବିଭାଗ ସହିତ ଯୋଗାଯୋଗ କରିବାରୁ ବନ ବିଭାଗ ପକ୍ଷରୁ ୧୦ ଜଣ କର୍ମଚାରୀ ମୁତୟନ ହୋଇଥିବା ବେଳେ ନିଆଁକୁ ଆୟତ୍ତ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଉଦ୍ଦେଶ୍ୟମୂଳକ ଭାବରେ ଜଙ୍ଗଲରେ ନିଆଁ ଲଗାଉଛନ୍ତି ଦୁର୍ବୃତ୍ତ। ବର୍ତ୍ତମାନ ଯାଏ ନିଆଁ ବନ ବିଭାଗ ଆୟତ୍ତରେ ଅଛି, ମାତ୍ର ଅଧିକ ଅଞ୍ଚଳରେ ବ୍ୟାପିଥିବାରୁ ସମୟ ଲାଗୁଛି ବୋଲି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ତ୍ରିପାଠୀ ପ୍ରକାଶ କରିଥିଲେ। ତେବେ ଜଙ୍ଗଲ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଐତିହ୍ୟ ସମ୍ପନ୍ନ ମାଲ୍ୟଗିରି ପର୍ବତ ନିଆଁରେ ଜଳୁଥିବା ବେଳେ ବନ ବିଭାଗର ଅବହେଳା ପରିବେଶବିତଙ୍କୁ ବିଚଳିତ କରିଛି।

## ମାଧ୍ୟମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକର୍ତ୍ତା

**କାମାକ୍ଷାନଗର, ୨୦।୪(ସମିସ) :** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ବାଙ୍କୁଆଳ ଉଚ୍ଚ ବିଦ୍ୟାଳୟ ଠାରେ କାମାକ୍ଷାନଗର ମାଧ୍ୟମିକ ଶିକ୍ଷକ ସଙ୍ଘର ନୂତନ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୁତି ସାମଲ, କାର୍ଯ୍ୟକାରୀ ସଭାପତି ପିତାମ୍ବର ଦାସ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ପ୍ରଭାତୀ ଦେହୁରୀ, ସଭାପତି, ସୁରେଶ କୁମାର ବିଶ୍ୱାଳ ଓ ପ୍ରବୋଧ କୁମାର ମହାପାତ୍ର, ଉପସଭାପତି, ଗଜେନ୍ଦ୍ର କୁମାର ନାୟକ, ସମ୍ପାଦକ, ନନ୍ଦିନୀ ନାୟକ ଓ ଗୋକୁଳାନନ୍ଦ ସାହୁ, ଯୁଗ୍ମ ସମ୍ପାଦକ, ନୃସିଂହ ଚରଣ ମଲ୍ଲିକ, ପ୍ରଦ୍ୟୁତ ମୁମାର ମହାକୁଡ଼, ରମେଶ ଚନ୍ଦ୍ର ବେହେରା, ଅଞ୍ଜନ କୁମାର ଖୁଣ୍ଟିଆ ଓ ପ୍ରମୋଦ କୁମାର ବାରିକ ଜିଲ୍ଲା ପ୍ରତିନିଧି, ମହେଶ୍ୱର ବେହେରା, ପ୍ରକାଶ ଚନ୍ଦ୍ର ବେହେରା ଓ ରାକେଶ କୁମାର ବେହୁରା ରାଜ୍ୟ ପ୍ରତିନିଧି ରୂପେ ନିର୍ବାଚିତ ହୋଇଥିଲେ। କାମାକ୍ଷାନଗର ଓଷ୍ଟା କିପରି ଗଠନମୂଳକ କାର୍ଯ୍ୟକରିବ ସେ ବିଷୟରେ ପ୍ରାକ୍ତନ ସଭାପତି ପ୍ରିୟବ୍ରତ ପଣ୍ଡା, ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ, ଖଗେଶ୍ୱର ବିଶ୍ୱାଳ, ପ୍ରବୋଧ କୁମାର ମହାପାତ୍ର, ନୃସିଂହ ଚରଣ ମଲ୍ଲିକ ପ୍ରମୁଖ ମତାମତ ପ୍ରଦାନ କରିଥିଲେ। ବରିଷ୍ଠ ଉପଦେଷ୍ଟା ବିନୋଦ କୁମାର ସ୍ୱାଇଁ ବିଭିନ୍ନ ପରାମର୍ଶ ଦେଇ ସଙ୍ଘକୁ ମଜଭୁତ କରିବା ପାଇଁ ଆହ୍ୱାନ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




## ଲକ୍ଷାଧିକ ଟଙ୍କା ହଡ଼ପ ଘଟଣା
## ଫାଇନାନ୍ସ କର୍ମଚାରୀ ଗିରଫ

**ଢେଙ୍କାନାଳ,୨୦।୪(ସମିସ) :** ଢେଙ୍କାନାଳ ଜିଲ୍ଲା ଗଁଦିଆ ଠାରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଆଦାୟ ଟଙ୍କା ନେଇ ଫେରାର ହେବା ଘଟଣାରେ ଗଁଦିଆ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଉକ୍ତ ବ୍ଲକରେ କାର୍ଯ୍ୟ କରୁଥିବା ସମସ୍ତା ଅର୍ଥ ଲଗାଣକାରୀ ଘରୋଇ ସଂସ୍ଥାରେ ୨ବର୍ଷ ହେଲା କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ଥାନା ଅଧୀନ ଅଧାଙ୍ଗ ପାଲିସାହି ଗ୍ରାମର ବାଳକୃଷ୍ଣ ସେଠିଙ୍କ ପୁଅ ହେମନ୍ତ କୁମାର ସେଠି ଜଣେ କଲେକ୍ସନ କର୍ମଚାରୀ ଭାବରେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲା। ଉକ୍ତ ସଂସ୍ଥା ଗ୍ରାମାଞ୍ଚଳରେ ମହିଳା ଗ୍ରୁପଗୁଡିକୁ ଋଣ ପ୍ରଦାନ କରିଥାନ୍ତି। ପ୍ରତି ମାସରେ ଋଣ ଗ୍ରହୀତାଙ୍କଠାରୁ କିସ୍ତି ବାବଦରେ ଟଙ୍କା ଆଦାୟ କରାଯାଇଥାଏ। ଉକ୍ତ ଅଭିଯୁକ୍ତ ବିଭିନ୍ନ ଅଞ୍ଚଳରୁ ୨ ଲକ୍ଷ ୮୦ହଜାର ଟଙ୍କା ଆଦାୟ କରି ସଂସ୍ଥାରେ ଜମା ନଦେଇ ତାହାକୁ ହଡ଼ପ କରି ଫେରାର ଥିଲା। ଘଟଣା ସମ୍ପର୍କରେ ଉକ୍ତ ସଂସ୍ଥାର ମୁଖ୍ୟ ପରିଚାଳକ ଗଁଦିଆ ଥାନାରେ ଲିଖିତ ଭାବରେ ଚଳିତ ମାସ ୧୭ତାରିଖରେ ଅଭିଯୋଗ କରିବା ପରେ ପୁଲିସ କେସ ନଂ ୧୧୦/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।



## ୨୪ରେ ପ୍ରଣବ ପ୍ରକାଶଙ୍କ ଛେଣ୍ଡିପଦା ଗସ୍ତ
## ବିଜେଡିର ପ୍ରସ୍ତୁତି ବୈଠକ ଓ କର୍ମୀ ସମ୍ମିଳନୀ

**ଛେଣ୍ଡିପଦା, ୨୦।୪(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସଦର ମହାକୁମାକୁ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଗସ୍ତକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ବିଜୁ ଜନତା ଦଳର ସଭାପତି ଶରତ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଛେଣ୍ଡିପଦା ବିଧାୟକ ପାର୍ଥୀ ସୁଶାନ୍ତ କୁମାର ବେହେରା, ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ସଞ୍ଜୟ ଅଗ୍ରୱାଲ, କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ସଭାପତି ତଥା ମହିଳା ପର୍ଯ୍ୟବେକ୍ଷକ ରୋଶନା ସାହୁ, ଦୀପକ ମିଶ୍ର ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ନିର୍ବାଚନରେ ଦଳକୁ ବିଜୟୀ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏଥି ସହିତ ଆସନ୍ତା ୨୪ ତାରିଖରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଛେଣ୍ଡିପଦା ଗସ୍ତ ରହିଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଛେଣ୍ଡିପଦା ସଦର ମହକୁମାଠାରେ ସକାଳ ୯ଟା ବେଳେ ଏକ ସାଧାରଣ ସଭାର ଆୟୋଜନ କରାଯାଉଛି। ଉକ୍ତ ସାଧାରଣ ସଭାକୁ ସଫଳ କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଜୋନ ପର୍ଯ୍ୟବେକ୍ଷକ ଅମ୍ବିକା ବେହେରା, ସନ୍ତୋଷ ସାହୁ, ଦିଲୀପ କୁମାର ସାହୁ, ସରପଞ୍ଚ ଅମରେଶ ନାଥ, ବାବୁଲି ପ୍ରଧାନ, ରାମ ଚନ୍ଦ୍ର ବେହେରା, ଜନ୍ମେଜୟ ମାଝୀ, ମାନସ ରଞ୍ଜନ ସାହୁ, ଜେନାମଣି ଦେହୁରୀଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।



## କାରୁବାକି ମହୋତ୍ସବ ଉଦ୍‌ଘାଟିତ

**ଢେଙ୍କାନାଳ, ୨୦।୪(ସମିସ) :** ସ୍ଥାନୀୟ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ସତରୂପା ଆନୁକୂଲ୍ୟରେ ୪୦ତମ କାରୁବାକି ମହୋତ୍ସବ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ଠାରେ ଏହି ମହୋତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ରେଙ୍ଗାଳୀ କେନାଲ ଢେଙ୍କାନାଳ ଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସୀମାଦ୍ରୀ ନାୟକ, ସମ୍ମାନିତ ଅତିଥି ଭାବେ ଭାରତୀୟ ଜନସଞ୍ଚାର ଢେଙ୍କାନାଳ ଆଞ୍ଚଳିକ ନିର୍ଦ୍ଦେଶକ ମ୍ରିଣାଳ ଚାଟାର୍ଜୀ, ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବିଶିଷ୍ଟ କବି ତଥା ଜିଲ୍ଲା ଲେଖକ ସଂସଦର ସଭାପତି ବସନ୍ତ ପଟ୍ଟନାୟକ, ବିଶିଷ୍ଟ ନାଟ୍ୟକାର ତଥା ମଞ୍ଚ ଅଭିନେତା କଟକ ଅନ୍ନପୂର୍ଣ୍ଣ ଥିଏଟର ସଭାପତି ଶରତ କୁମାର ମାଝୀ, ବରିଷ୍ଠ ସାମ୍ବାଦିକ ତଥା ମଞ୍ଚ କଳାକାର ରତନ ନାୟାର ପ୍ରମୁଖ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅତିଥିମାନେ କାରୁବାକି ମହୋତ୍ସବକୁ ଉଚ୍ଚପ୍ରଶଂସା କରିବା ସହିତ ତା'ର ଉତ୍ତରୋତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆନ୍ତର୍ଜାତୀକ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ତିମିରସୁ ପଟ୍ଟନାୟକ, ବିଶିଷ୍ଟ ସଙ୍ଗୀତଜ୍ଞ ଖାରବେଳେ ପଟ୍ଟନାୟକ, ବିଶିଷ୍ଟ ତାବଲା ବାଦକ ଅଜାତଶତ୍ରୁ ପଟ୍ଟନାୟକ, ଖ୍ୟାତି ସମ୍ପନ୍ନ ନୃତ୍ୟ ଶିଳ୍ପୀ ବିଜିଗୁପ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚନ୍ଦନ କୁମାର ନାୟକ ସଂଯୋଜନା କରିଥିଲେ। ଶେଷରେ କୃତୀ କଳାକାରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।




## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଛେଣ୍ଡିପଦା, ୨୦।୪(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କାତଡ଼ା ଗ୍ରାମରେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, କାତଡ଼ା ଗ୍ରାମର ନରୋତ୍ତମ ପଧାନ ଅପ୍ରେଲ ୧୯ତାରିଖ ମଧ୍ୟାହ୍ନରେ ଅନୁଗୋଳ-ସମ୍ବଲପୁର ୫୫ ନଂ ଜାତୀୟ ରାଜପଥ କଡ଼ରେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ନୂଆସାହି ନିକରେ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ନରୋତ୍ତମ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ ଗୁରୁତର ନରୋତ୍ତମଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁଇଦିନ ଧରି ଚିକିତ୍ସା ହେବା ପରେ ଅପରାହ୍ନରେ ନରୋତ୍ତମଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏନେଇ ତାଙ୍କ ପୁଅ ଦେବଧି ପଧାନ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛନ୍ତି।

## ୩ କେଜି ଗଞ୍ଜେଇ ଜବତ; ବ୍ୟବସାୟୀ ଗିରଫ

**ଢେଙ୍କାନାଳ, ୨୦।୪(ସମିସ) :** ସଦର ଥାନାର ଭାପୁର ଫାଣ୍ଡି ଅନ୍ତର୍ଗତ କଦମପାଳ ଜଙ୍ଗଲ ମଧ୍ୟରୁ ୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଜନୈକ ବ୍ୟବସାୟୀକୁ ପୁଲିସ ଗିରଫ କରିଛି। ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅନ୍ତର୍ଗତ ପ୍ରଭାତ କୁମାର ଗଣ୍ଡିଆ ଏକ ବାଜାଜ୍ ପଲସର ମଟର ସାଇକେଲ (ଓ ଡି ୨୫ ଏ ୧୦୭୮) ଯୋଗେ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ନେଇ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ଭାପୁର ପୁଲିସ କଦମପାଳ ଜଙ୍ଗଲ ନିକଟରୁ ପ୍ରଭାତକୁ ଗିରଫ କରି ଗଞ୍ଜେଇକୁ ଜବତ କରିଛନ୍ତି। ଏହି ବ୍ୟବସାୟରେ ସମ୍ପୃକ୍ତ ଥିବା ଭାପୁର ଫାଣ୍ଡି ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର ବିଭୁତି ନାୟକକୁ ମଧ୍ୟ ପୁଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଭାପୁର ପୁଲିସ ୩୩୦/୨୪ ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଏହି ଜବତ ଗଞ୍ଜେଇର ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।




# ରାସ୍ତା ଉପରେ ଜଳିଗଲା ତେଲ ଟ୍ୟାଙ୍କର

ପାରାଦୀପ, ୨୦।୪(ସମିସ): ପାରାଦୀପ ବିପିସିଏଲ ଟର୍ମିନାଲ ନିକଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ହୁତୁହୁତୁ ହୋଇ ଜଳିଯାଇଛି ଏକ ତେଲ ଟ୍ୟାଙ୍କର। ଚାହୁଁ ଚାହୁଁ ନିଆଁ ଆଉ ଦୁଇଟି ଗାଡିକୁ ବ୍ୟାପିଥିଲେ ମଧ୍ୟ ବଡ ଅଘଟଣ ପୂର୍ବରୁ



ଏହାକୁ କାବୁ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ଚାଳକ ଓ ସାଧାରଣ ଲୋକେ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଚଳାଇଥିବା ବେଳେ ଘଟଣାସ୍ଥଳରେ କୁଜଙ୍ଗ ଓ ପାରାଦୀପ ସିଆଇଏସ୍ଏଫ୍ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବ୍ୟାଟେରିରୁ ସର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ପାରାଦୀପ ଅଠରବାଙ୍କି ସ୍ଥିତ ଭାରତ ପେଟ୍ରୋଲିୟମ କର୍ପୋରେସନଲିମିଟେଡ ସମ୍ମୁଖରେ ଥିବା ଏକ ତେଲ ଟ୍ୟାଙ୍କରରେ ଶନିବାର ହଠାତ୍ ନିଆଁ ଲାଗି ଯାଇଥିଲା। ଟ୍ୟାଙ୍କର ନିକଟରେ ରହିଥିବା ଆଉ ଦୁଇଟି ଟ୍ୟାଙ୍କର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ନିଆଁ ଲାଗିଥିବା ଟ୍ୟାଙ୍କରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ସେଠାରେ ଉପସ୍ଥିତ ଥିବା ଡ୍ରାଇଭର ମାନଙ୍କର ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ ଅଘଟଣକୁ ରୋକାଯାଇପାରିଛି। ନିକଟରେ ଆଇଓସିଏଲ, ବିପିସିଏଲ, ଏଚପିସିଏଲ୍‌ର ତିନୋଟି ତୈଳ ଟର୍ମିନାଲ ରହିଥିବା ବେଳେ ଆଇଓସିଏଲର ଏକ ଗ୍ୟାସ ଟର୍ମିନାଲ ମଧ୍ୟ ରହିଛି। ଯେଉଁଥିରେ ଲକ୍ଷାଧିକ ଲିଟର ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଗଚ୍ଛିତ ରହିଛି। ମାତ୍ର ଏଠାରେ ଟ୍ୟାଙ୍କର ଗୁଡିକୁ ରଖିବା ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ନଥିବାରୁ, ସମସ୍ତ ଗାଡି ପାଖକୁ ପାଖ ରଖାଯାଇଛି। ଅଗ୍ନିକାଣ୍ଡ ଘଟିଥିବା ଟ୍ୟାଙ୍କରଟି ଫାଙ୍କା ଥିବାରୁ ବଡ ଅଘଟଣରୁ ବର୍ତ୍ତିଯାଇଛନ୍ତି ସ୍ଥାନୀୟ ଲୋକେ। ଗାଡିର ବ୍ୟାଟେରି ସର୍ଟସର୍କିଟ କାରଣରୁ ଗାଡିରେ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଡ୍ରାଇଭରମାନେ ପ୍ରଥମେ ଫୋନ କରି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ପରେ ପାରାଦୀପ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲା। ଟ୍ୟାଙ୍କରରେ

### ଆଉ ୨ ଟ୍ୟାଙ୍କରକୁ ବ୍ୟାପିଲା; ଟଳିଗଲା ବଡ଼ ଅଘଟଣ

ନିଆଁ ଲାଗିବା ପରେ ନିକଟରେ ରହିଥିବା ବାଉରିଆପାଳନ୍ଦା ବସ୍ତିର ହଜାର ହଜାର ଲୋକ ଭୟଭୀତ ହୋଇପଡ଼ିଥିଲେ। ନିଆଁର ବେଗ ଏତେ ଜୋରରେ ଥିଲା ଯେ ଆୟତ୍ତ କରିବା ବଡ ମୁସ୍କିଲ ହୋଇପଡ଼ିଥିଲା। ତେବେ ଅଗ୍ନିଶମ ବିଭାଗ ତରଫରୁ ନିଆଁକୁ ଆୟତ୍ତ କରାଯିବା ପରେ ସ୍ଥାନୀୟ ଲୋକେ ଆଶ୍ୱସ୍ତି ଲାଭ କରିଥିଲେ।

### ଦୁଇ ପିଲା ଥାଇ ସ୍ୱାମୀଙ୍କ ଦ୍ୱିତୀୟ ପତ୍ନୀ ଗ୍ରହଣ

# ଥାନାର ଦ୍ୱାରସ୍ଥ ହେଲେ ପ୍ରଥମ ପତ୍ନୀ



ଜଗତସିଂହପୁର/ତିର୍ତ୍ତୋଲ, ୨୦।୪(ସମିସ): ନିଜର ପୁଅ, ଝିଅ ଓ ପ୍ରଥମ ସ୍ତ୍ରୀ ଥାଉ ଥାଉ, ଆଉଜଣେ ମହିଳା ଙ୍କୁ ବିବାହ କରିବା ସହିତ, ପ୍ରଥମ ସ୍ତ୍ରୀ ଜୟଶ୍ରୀ ପରିଡ଼ାଙ୍କୁ ନିର୍ଯାତନା ଦେବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ନିଜ ଜୀବନ ରକ୍ଷାକରିବା ପାଇଁ ଶାଶୁ ଘରୁ ଲୁଚି ଆସି ବାପଘରେ ପହଞ୍ଚିବା ପରେ, ନ୍ୟାୟ ପାଇଁ ଜୟଶ୍ରୀ ତିର୍ତ୍ତୋଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ ଗତ ୪ ଜୁନ୍ ୨୦୧୫ରେ ହିନ୍ଦୁ ରୀତିନୀତି ଅନୁସାରେ, ପିପଳମାଧବ ବନ୍ଧବାଟି ସ୍ଥିତ ବାବା ଧର୍ମେଶ୍ୱର ମହାଦେବଙ୍କ ମନ୍ଦିରରେ ଜଗନ୍ନାଥପୁର ଚୋଟଳ ଗ୍ରାମର କୈଳାଶ ଚନ୍ଦ୍ର ପରିଡ଼ାଙ୍କ ପୁଅ ମାନସ ରଞ୍ଜନ ପରିଡ଼ା (ବନ୍ନୁ)ଙ୍କୁ ବିବାହ କରିଥିଲେ ଜୟଶ୍ରୀ। ବିବାହ ସମୟରେ ସାମାଜିକ ବିଧି ବ୍ୟବସ୍ଥା ତଥା ପୁଅ ଘରର ଦାବି ମୁତାବକ ଆବଶ୍ୟକୀୟ ଯୌତୁକ ଜୟଶ୍ରୀଙ୍କ ବାପା ପ୍ରଦାନ କରିଥିଲେ। ବିବାହର କିଛିବର୍ଷ ଜୟଶ୍ରୀ ସ୍ୱାମୀଙ୍କ ପରିବାରରେ ରହି ଏକ ପୁତ୍ର ସନ୍ତାନ ଓ ଏକ ଝିଅର ମାଆ ହୋଇଥିଲେ। ମାତ୍ର ଇତି ମଧ୍ୟରେ ମାନସ ରଞ୍ଜନ ନିକଟସ୍ଥ ଜଗନ୍ନାଥପୁର କେଁପୁର ଗ୍ରାମରେ ଦ୍ୱିତୀୟ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ପ୍ରତିବାଦ କରିବାରୁ ଶାଶୁ ଓ ସ୍ୱାମୀ ମିଶି ଜୟଶ୍ରୀଙ୍କ ଉପରେ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଗାଳିଗୁଲଜ କରୁଥିଲେ। ଏହା ମଧ୍ୟରେ ମାନସ ରଞ୍ଜନ ଦ୍ୱିତୀୟ ବିବାହ କରି ପତ୍ନୀକୁ ଘରକୁ ଆଣିଲେ। ଏହାଦ୍ୱାରା ଜୟଶ୍ରୀଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଲା। ଶେଷରେ ଜୀବନ ରକ୍ଷାକରିବାକୁ ଲୁଚିଛପି ଜୟଶ୍ରୀ ନିଜର ବାପଘର ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଉରାଡ଼ ଧମିଲୋ ଗ୍ରାମକୁ ଚାଲିଆସି ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି। ଉଭୟ ପଞ୍ଚାୟତର ସରପଞ୍ଚଙ୍କ ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ ନିଆଯାଇଥିଲେ ମଧ୍ୟ ସୁଫଳ ମିଳିନଥିଲା। ଫଳରେ ଜୟଶ୍ରୀ ଏନେଇ ଥାନାର ଦ୍ୱାରସ୍ତ ହୋଇଛନ୍ତି।

## ବନ୍ଦର ପକ୍ଷରୁ ଜାତୀୟ ଅଗ୍ନିସେବା ସପ୍ତାହ ଉଦ୍‌ଯାପିତ

ପାରାଦୀପ, ୨୦।୪(ସମିସ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଜାତୀୟ ଅଗ୍ନି ସେବା ସପ୍ତାହ-୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏପ୍ରିଲ ୧ରୁ ୨୦ ପର୍ଯ୍ୟନ୍ତ ଚାଲିଥିବ ଏହି କାର୍ଯ୍ୟକ୍ରମରେ ଅଗ୍ନି ନିରାପତ୍ତା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଯାହା ବନ୍ଦର କର୍ମଚାରୀ ଏବଂ






ହିତାଧିକାରୀ ତଥା ସ୍ଥାନୀୟ ଜନସାଧାରଣ ତଥା ସ୍କୁଲ ପିଲାମାନଙ୍କୁ ଅଗ୍ନିସୁରକ୍ଷା ବିଷୟରେ ସଚେତନତା କରାଯାଇଥିଲା। ବନ୍ଦର ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦଯାପନୀ ସମାରୋହରେ ପାରାଦୀପବନ୍ଦରଉପାଧ୍ୟକ୍ଷନୀଳାଭ୍ରଦାସଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସିଆଇଏସଏଫ୍ କମାଣ୍ଡାଣ୍ଟ ଅକ୍ଷତ ପଟେଲ ନିମନ୍ତ୍ରିତମାନଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଗ୍ନି-ଉଦ୍ଧାରକାରୀ ଏବଂ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କୌଶଳ ପ୍ରଦର୍ଶନ କରାଯାଇଥିଲା।

ସପ୍ତାହ ବ୍ୟାପି ସଚେତନତା ଅଭିଯାନରେ ବେଥାନି, ଡିଏଭି, କେଭି, ଏନ୍ଏସି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ସଚେତନତା କରାଯିବା ସହ ବିଭିନ୍ନ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଏବଂ ସ୍ଲୋଗାନ୍ ପ୍ରତିଯୋଗିତା ଏବଂ ଫାୟାର ଡ୍ରିଲ ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ଅତିଥି ତଥା ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ପୁରସ୍କୃତ ଓ ସମ୍ମାନିତ କରିଥିଲେ। ଶେଷରେ ଅଗ୍ନିଶମ ବିଭାଗ ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ ସ୍ୱରୂପ ସମସ୍ତ ମାନ୍ୟଗଣ୍ୟ ତଥା ଆମନ୍ତ୍ରିତ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କମ୍ପାନୀ କମାଣ୍ଡର ଫାୟାର ୱିଙ୍ଗ ଇନ୍ସପେକ୍ଟର ଭାସ୍କର ଦାସ ପରିଚାଳନା କରିଥିଲେ।

## ମତଦାତାଙ୍କୁ ସଚେତନ ନିମନ୍ତେ ଦସ୍ତଖତ ଅଭିଯାନ



### ଉଦ୍‌ଘାଟିତ ହେଲା ସେଲ୍‌ଫି ପଏଣ୍ଟ

ଜଗତସିଂହପୁର, ୨୦।୪(ସମିସ): ଜଗତସିଂହପୁର ଜିଲ୍ଲାରେ ଆସନ୍ତା ଜୁନ ୧ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଜିଲ୍ଲାରେ ଯେପରି ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ମତଦାତାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏସ୍‌ଭିଇଇପି ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ବ୍ଲକ ତଥା ପଞ୍ଚାୟତସ୍ତରରେ ଚାଲୁରହିଛି। ଏହି ଉପଲକ୍ଷେ ଆଜି ଜିଲ୍ଲାପାଳ ଶ୍ରୀ ଅନୁପମ ସାହା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଛନ୍ତି। 'ଲେଟ୍ ଅସ୍ ଭୋଟ'ର ସ୍ଲୋଗାନ ସହିତ ଜିଲ୍ଲାପାଳ ଶ୍ରୀ ସାହା ମତଦାନର ମହତ୍ୱ ପ୍ରତିପାଦିତ କରିଥିଲେ। ଏହାପରେ ଜିଲ୍ଲାପାଳ ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇ ଜୁନ ୧ତାରିଖରେ ମତଦାନ ନିମନ୍ତେ ବାର୍ତ୍ତା ଦେଇଥିଲେ। ଏହି ଦସ୍ତଖତ ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ପ୍ରମୁଖ ନିର୍ବାଚନ ସଚେତନତା ବାର୍ତ୍ତା ସହ ନିଜର ଦସ୍ତଖତ କରିଥିଲେ। ଏହି ଅବସରରେ ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏସ୍‌ଭିଇଇପ ଅନ୍ତର୍ଗତ ଏହି ସଚେତନତା ପ୍ରୟାସ ନିଶ୍ଚିତ ଭାବେ ଜିଲ୍ଲାବାସୀଙ୍କୁ ଗଣତନ୍ତ୍ରର ମହାପର୍ବରେ ସାମିଲ କରିବ ବୋଲି ଆଶା କରାଯାଉଛି।

## ମା ଶାରଳାଙ୍କ ମଧୁ ପାର୍ବଣ ବାସନ୍ତୀ ପୂଜା ଉଦ୍‌ଯାପିତ

ଜଗତସିଂହପୁର, ୨୦।୪(ସମିସ): ମା ଶାରଳାଙ୍କ ପୀଠରେ ଚୈତ୍ର ଶୁକ୍ଳ ମଧୁ ପାର୍ବଣ ବାସନ୍ତୀ ପୂଜା ଗତ ୯ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇ ୧୮ ତାରିଖ ଗୁରୁବାର ସୁଦଶାବ୍ରତ ଦିନ ଦଶହରାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟେହ ପ୍ରାତଃ ସମୟରେ ପହୁଡ଼ ଖୋଲାଯାଇ ମଙ୍ଗଳ ଆଳତି ପରେ ମାର୍ଜନା, ଅଭିନବ ବେଶରେ ମା'ଙ୍କୁ ସଜ୍ଜିତ କରାଯିବା ପରେ, ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ସମର୍ପଣ, ଦଶଦିଗପାଳପୂଜା, ପାର୍ଶ୍ୱ ଦେବଦେବୀପୂଜା, ସୂର୍ଯ୍ୟପୂଜା, ଦୈନିକ ପାଞ୍ଜିପାଠ, ବାଳଭୋଗ ପୂଜା ଓ ସମୂହ ସପ୍ତଶତୀ ଚଣ୍ଡୀ ମନ୍ତ୍ର ଧ୍ୱନିରେ ମା'ଙ୍କ ବେଢ଼ାରେ ଏକ ଅପୂର୍ବ ଭକ୍ତି ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ପରେ ପରେ ପ୍ରଥମ୍ ପ୍ରହର ଧୂପ କରାଯାଇ ବଡସିଂହାର ଓ ଷୋଡ଼ଶ ଉପଚାର ପୂଜା ସହିତ ବିଶ୍ୱଶାନ୍ତି ଯଜ୍ଞରେ ଆହୂତି ପ୍ରଦାନ କରାଯାଇଥିଲା। ଦ୍ୱିତୀୟପ୍ରହର ଧୂପ ଶେଷରେ ପଲଙ୍କ ଶଯ୍ୟା କରାଯାଇ ପହୁଡ଼ ପଡ଼ିଥିଲା। ଅପରାହ୍ନ ୩ ଟାରେ ପୁନଶ୍ଚ ପହୁଡ଼ ଖୋଲାଯାଇ, ମାର୍ଜନା ପରେ ସନ୍ଧ୍ୟା ବେଶରେ ମା'ଙ୍କୁ ସଜ୍ଜିତ କରାଯାଇଥିଲା। ପଣା ଓ ପୁରୀ ମରିଚ ଲଡୁ ଭୋଗ ଅର୍ପଣ ପରେ ସନ୍ଧ୍ୟା ଆରତୀ, ଜପଯଜ୍ଞ, ବଡ଼ସିଂହାର ବେଶ ଓ ଷୋଡ଼ଶ ଉପଚାର ପୂଜା ପରେ ଦ୍ୱିତୀୟ ପ୍ରହର ଧୂପରେ ଦହିପଖାଳ ଭୋଗ ଓ ପଇଡ ଜଳ ଅର୍ପଣ କରାଯାଇ ପହୁଡ଼ ପଡ଼ିଥିଲା। ତେବେ ଏହି ସମସ୍ତ ନୀତିକାନ୍ତିରେ ମା'ଙ୍କ ବଡପଣ୍ଡା ରଞ୍ଜନ କୁମାର ପଣ୍ଡା, ପରିଚ୍ଛା ପଣ୍ଡିତ ସୁଦାମଚରଣପଣ୍ଡା, ପୁରୋହିତପଣ୍ଡିତ ପୀତାମ୍ବରଆଚାର୍ଯ୍ୟ, ପୁସ୍ତକାଚାର୍ଯ୍ୟ ପଣ୍ଡିତ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ସମେତ, ପାଳିଆ ସେବକ ଓ ଛତିଶା ନିଯୋଗମାନଙ୍କ ସହିତ ସମସ୍ତ ସେବାୟତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଶ୍ୱିନ ପାର୍ବଣ ଭଳି ଏହି ବାସନ୍ତୀ ପୂଜାରେ ମଧ୍ୟ ପ୍ରତିଦିନ ମଣ୍ଡା ପିଠା ଭୋଗ ମା'ଙ୍କ ନିକଟରେ ପୂଜା ଲାଗି ହୋଇଥିଲା।

## କର୍କଟ ଓ କିଡ୍‌ନୀ ରୋଗରେ ପୀଡ଼ିତ ଲକ୍ଷ୍ମଣ; ସହାୟତା ଦାବି

ଜଗତସିଂହପୁର, ୨୦।୪(ସମିସ): ଦୂରାରୋଗ୍ୟ କର୍କଟ ଓ କିଡ଼ନୀ ରୋଗରେ ପଡ଼ି ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂହ ଗ୍ରାମ କାଣ୍ଡି ସାହିର ଲକ୍ଷ୍ମଣ ମହାରଣା ଗୋଟିଏ ଗୋଡ଼ ହରାଇଛନ୍ତି। ସେହିପରି କିଡ୍‌ନୀ ସମସ୍ୟାରେ ପଡ଼ି ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ତାଙ୍କର ଚିକିତ୍ସା ଚାଲିବାପରେ ଅର୍ଥ ସରି ଯିବାରୁ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ଫେରାଇ ଦେଇଥିବା ତାଙ୍କ ପତ୍ନୀ କହିଛନ୍ତି। ଚିକିତ୍ସା ପାଇଁ କୌଣସି ସମ୍ବଳ ନଥିବାରୁ ସେ ଘରେ ପଡ଼ିରହି ରୋଗରେ ସଢୁଥିବା ପ୍ରକାଶ କରିଛନ୍ତି।



ପୂର୍ବରୁ ଦରଜୀକାମ କରିଆସୁଥିବା ଲକ୍ଷ୍ମଣ ମହାରଣା ଉଚ୍ଚ ମଧୁମେହ ରୋଗରେ ପଡ଼ି କାମ କରିବାକୁ ଶକ୍ତି ସାମର୍ଥ ହରାଇବା ପରେ, କିଛମାସ ହେବ ମୂଳସିଂହ ପଞ୍ଚାୟତ ଅଫିସରେ ପିଅନ ଭାବେ କାମ କରୁଥିଲେ। ସ୍ୱଳ୍ପ ଦରମାରେ ସ୍ତ୍ରୀ ପ୍ରତିମା, ପୁଅ ସରୋଜ ଓ ମନୋଜଙ୍କୁ ନେଇ ୪ପ୍ରାଣୀ କୁଟୁମ୍ବଙ୍କୁ ଚଳାଇବା କଷ୍ଟକର ହୋଇଥିଲା। ଏପରି କ୍ଷେତ୍ରରେ ସେ ଦିନକୁ ଦିନ ରୋଗାକ୍ରାନ୍ତ ହୋଇ ପଡ଼ିଥିଲେ। ପତ୍ନୀ ପ୍ରତିମା ତାଙ୍କୁ କଟକର ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଦୂରାରୋଗ୍ୟ କର୍କଟରୁ ରକ୍ଷା ପାଇବା ପାଇଁ ଶେଷରେ ତାଙ୍କର ଡାହାଣ ଗୋଡଟାକୁ ସବୁଦିନ ପାଇଁ ହରାଇବାକୁ ପଡ଼ିଲା। ସେହିପରି କିଡ୍‌ନୀ ରୋଗର ମଧ୍ୟ ଚିକିତ୍ସା ଚାଲିଥିଲା। ତେବେ ଅର୍ଥ ଅଭାବରୁ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ଫେରାଇଦେଇଥିଲେ। ବିଚରା ବଖରାଏ ଘର ଭିତରେ ଦୁଇ ପୁଅଙ୍କ ସହିତ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ଲକ୍ଷ୍ମଣ। ତାଙ୍କର ଏଇ ଜୀବନ ମରଣ ସମସ୍ୟା ମଧ୍ୟରେ ଘରେ ଔଷଧ ଖାଇବା ତ ଦୂରର କଥା, କଟା ଗୋଡର ଡ୍ରେସିଂ ପାଇଁ ମଧ୍ୟ ପଇସା ନାହିଁ। ଏପରି ଅଭାବନୀୟ ପରିସ୍ଥିତିରେ ବଞ୍ଚିରହିବାକୁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ଲକ୍ଷ୍ମଣ ମହାରଣା। ଏହି ପରିସ୍ଥିତିରେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଥବା ବଦାନ୍ୟ ବ୍ୟକ୍ତି ବିଶେଷ କିଛି ସହାୟତା କରିବାକୁ ସେ ନିବେଦନ କରିଛନ୍ତି। ତାଙ୍କର ଫୋନ ନମ୍ବର ୮୭୫୮୧୫୪୧୩୭ରେ ଯୋଗାଯୋଗ କରିବାକୁ ସେ ନିବେଦନ କରିଛନ୍ତି।

### ତିହୁଡି-ମରିଚପୁର ରାସ୍ତା କାମ ନିମ୍ନମାନର

# ମେଳି ବାନ୍ଧିଲେ ଅଞ୍ଚଳବାସୀ; ଆଜି ପ୍ରତିବାଦ

ବାଲିକୁଦା, ୨୦।୪(ସମିସ): ବାଲିକୁଦା ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଭାବେ ପରିଚିତ ମାଳ ମରିଚପୁର ଅଞ୍ଚଳର ୮ ପଞ୍ଚାୟତର ଜୀବନରେଖା କୁହାଯାଉଥିବା ତିହୁଡି-ମରିଚପୁର ମୁଖ୍ୟରାସ୍ତା କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ ପ୍ରାୟ ୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଛି। ହେଲେ ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ସହ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ। ଏହାର ପ୍ରତିବାଦରେ ଆଜି ସନ୍ଧ୍ୟାରେ ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ପଡ଼ିଆରେ ଏକତ୍ରିତ ହୋଇଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ। ଏହି ରାସ୍ତା ନିର୍ମାଣ ପ୍ରାରମ୍ଭରେ ତିହୁଡି ଠାରୁ ଭଲ କାର୍ଯ୍ୟ ହୋଇଥିଲା, ହେଲେ ଦୁଇ କିମି ନିର୍ମାଣ ହେବା ପରେ ବିଭାଗୀୟ





ଯନ୍ତ୍ରୀଙ୍କ ଦାଇତ୍ୱହୀନତା ଓ ଠିକାଦାରଙ୍କ ଲାଭଖୋର୍ ମନୋଭାବ ଯୋଗୁ ପରବର୍ତ୍ତୀ ସମୟରେ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଆସନ୍ତାକାଲି କାର୍ଯ୍ୟସ୍ଥଳୀରେ ଅଞ୍ଚଳର ଶତାଧିକ ଲୋକ ଏକତ୍ରିତ ହୋଇ ନିମ୍ନମାନର କାର୍ଯ୍ୟର ପ୍ରତିବାଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ କାର୍ଯ୍ୟସ୍ଥଳୀକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଡକାଯିବ। ଏପରିକି ରାସ୍ତା ନିର୍ମାଣର ସମ୍ପୂର୍ଣ୍ଣ ତଥ୍ୟ ହାସଲ ପରେ ଯନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହୋଇଥିଲା।

ସୂଚନା ଅନୁଯାୟୀ, ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହେବାରୁ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀ କାର୍ଯ୍ୟର ଯାଞ୍ଚ କରିବା ସହ କାର୍ଯ୍ୟ ନିମ୍ନମାନର ହେଉଥିବା ଜାଣି ବିରକ୍ତି ପ୍ରକାଶ କରିବା ସହ ସଠିକ ଭାବେ କାମ କରିବା ପାଇଁ ଗତ ୧୦ ଦିନ ତଳେ କଡା ଚେତାବନୀ ଦେଇଥିଲେ। ଏହି ରାସ୍ତା ନିର୍ମାଣ ସମୟରେ ସଠିକ ଭାବେ ଡ଼ଷ୍ଟ ମେଣ୍ଟାଲ ଦିଆଯାଉ ନଥିବା ବେଳେ ଏହାର ମୋଟେଇ କମ କରି ଦିଆଯାଉଛି ଏପରିକି ପିଚୁ ପ୍ରଲେପ ସମୟରେ ଯେତିକି ଇଞ୍ଚ ପିଚୁ ଲେୟାର ଦେବା କଥା ତାହା ଦିଆଯାଉନଥିବା ବେଳେ ରାସ୍ତାର ସୁରକ୍ଷା ପାଇଁ ରାସ୍ତା କଡରେ ନିର୍ମାଣ ହେଉଥିବା ରିଟର୍ଣ୍ଣିଂ ୱାଲ କାର୍ଯ୍ୟରେ ସଠିକ ଭାଗରେ ସିମେଣ୍ଟ ଦିଆଯାଉ ନଥିବା ଅଭିଯୋଗ କରିଛନ୍ତି ଉପସ୍ଥିତ ବୁଦ୍ଧିଜୀବୀ। ଏପରିକି ଉକ୍ତ ୱାଲ କାର୍ଯ୍ୟ ଶେଷ ପରେ ଏହାକୁ ମଜଭୂତ ରଖିବାକୁ ସେଥିରେ ଜମା ପାଣି ମଧ୍ୟ ଦିଆଯାଉନାହିଁ। ଫଳରେ ଏହା ଭୁଶୁଡି ପଡ଼ିବାର ଆଶଙ୍କା କରିଛନ୍ତି ଲୋକେ। ଏପରିକି ରାସ୍ତା ପ୍ରଶସ୍ତିକରଣ ମୁଖ୍ୟ ଲକ୍ଷ୍ୟଥିବାବେଳେ ରାସ୍ତା କଡରେ ଥିବା କିଛି ଅନାବଶ୍ୟକୀୟ ତାଳଗଛକୁ ନକାଟି ଓ ବିଭିନ୍ନ ସ୍ଥାନରେ ମନ ମୁତାବକ ପ୍ରଶସ୍ତିକରଣ କରାଯାଉଥିବା କାରଣରୁ ସମ୍ପୂର୍ଣ୍ଣ ରାସ୍ତାର ରୂପରେଖ ସମ୍ପର୍କରେ ଆସିଥିବା ତଥ୍ୟକୁ ବିଭାଗ ସାର୍ବଜନୀନ କରିବା ପାଇଁ ଦାବି ହୋଇଛି। ଏଣୁ ଆଜି ୧୦ଟାରେ ଅଞ୍ଚଳର ସମସ୍ତ ଜନସାଧାରଣ ନିଜ ଅଞ୍ଚଳର ବିକାଶର ସାରଥୀ ଏହି ରାସ୍ତାର ସୁରକ୍ଷା ପାଇଁ ଆଗେଇ ଆସି ପ୍ରତିବାଦ କରିବାକୁ ଆହ୍ୱାନ ଦେଇଛନ୍ତି ବୁଦ୍ଧିଜୀବୀ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରେମାନନ୍ଦ ପରିଡ଼ା, ସଞ୍ଜୟ ସ୍ୱାଇଁ, ନିର୍ମଳ ମହାନ୍ତି, ସୁବାସ ନାୟକ, ଗଙ୍ଗାଧର ନାୟକ, ସୁଦାମ ସ୍ୱାଇଁ, ରୁଦ୍ର ନାରାୟଣ ପ୍ରଧାନ, ପ୍ରଶାନ୍ତ ସେଠି, ବନ୍ଧୁ ଚରଣ ନାୟକ, ସରୋଜ ସ୍ୱାଇଁ, ବ୍ରହ୍ମଜିତ ବିଶ୍ୱାଳଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ।

